

୬ଷ୍ଠ ବର୍ଷ ● ୧୨ଶ ସଂଖ୍ୟା ● ଅଗଷ୍ଟ ୨୦୧୭

**ରିପୋର୍ଟ** : 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ
**ଆସ ଜାଣିବା** : ଭଙ୍ଗା ଛାତଘରୁ ରାଇସିନା ହିଲ୍ : ଆମ ନୂଆ ରାଷ୍ଟ୍ରପତିଙ୍କ ଜୟଯାତ୍ରା
**ଗପ** : ଧନ୍ୟ ଧନ୍ୟ ବୀରବଲ !, ମାଲେସିଆର ଲୋକକଥା
**କବିତା** : ମୋ ଦେଶ, ମୋତେ ଭଲ ଲାଗେ, କିଏ ସେ ହେବ
**ଇତିହାସ କଥା** : ପାଇକ ବିଦ୍ରୋହ
**ଏଥିସହିତ କୁନିକୁନାଙ୍କ ପାଠଶାଳା, ହସକଥା, ଖବର ଓ ଆହୁରି ଅନେକ ବିଭାଗ।**

### ରିପୋର୍ଟ:
୨ ଜୁଲାଇ ୨୦୧୭ରେ ଭୁବନେଶ୍ୱରସ୍ଥ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ। ତୁମମାନଙ୍କ ପାଇଁ ଏ ସଂପର୍କରେ ସ୍ଥାନିତ ହୋଇଛି ଏକ ରିପୋର୍ଟ।

### ଭଙ୍ଗା ଛାତଘରୁ ରାଇସିନା ହିଲ୍ : ଆମ ନୂଆ ରାଷ୍ଟ୍ରପତିଙ୍କ ଜୟଯାତ୍ରା
ଇତି ମଧ୍ୟରେ ଆମ ଦେଶର ଚତୁର୍ଦ୍ଦଶ ରାଷ୍ଟ୍ରପତି ଭାବରେ ରାମନାଥ କୋବିନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ସଂପର୍କରେ ଏକ ବିବରଣୀ ସ୍ଥାନ ପାଇଛି।

### ଆମ ମତ :
### ଭକ୍ତିର ଶକ୍ତି ରହିଛି କି ନାହିଁ?
ଏହିପରି ଭାବକୁ ଆମ କୁନାକୁନି କିପରି ଅନୁଭବ କରନ୍ତି, ସେ ସଂପର୍କରେ ରହିଛି ସେମାନଙ୍କର ମତାମତ।

### ଶିଶୁନାଟକ : ଅମାନିଆ ପିଲା
### ଲେଖକ : ନରେଶ ଚନ୍ଦ୍ର ବେହେରା
ଛୋଟ ପିଲାଟିଏ ବାଜି ରାଉତ; ତା'ର ଦେଶ ପାଇଁ ଜୀବନ ବଳିଦାନର କାହାଣୀକୁ ନେଇ ନାଟକଟି ରଚିତ ହୋଇଛି।

### ଜେଜେଙ୍କୁ ଚିଠି : ମ୍ୟାଙ୍ଗୋ ଜେଜେଙ୍କୁ ଚିଠି
### ଲେଖକ : ଶାନ୍ତନୁ କୁମାର ଆଚାର୍ଯ୍ୟ
ଭୁବନେଶ୍ୱର ଫଳ ଦୋକାନରେ ବିଚିତ୍ର ଫଳ କିଣୁକିଣୁ ମନେ ପଡ଼ିଯାଇଛି ଗାଁର ଅମୃତ ମଣୋହି ଆମ୍ବଗଛର ସ୍ମୃତି।

### କବିତା : ପ୍ରଜାପତି
### ଆମ କୁନି ଲେଖିକା: ଓଁ ଶାଙ୍କରୀ ମିଶ୍ର
ପ୍ରଜାପତିକୁ ନେଇ ଲେଖାଯାଇଛି ଏହି ସୁନ୍ଦର କବିତାଟି।

### କବିତା : ମୋ ଦେଶ
### ଲେଖକ : ପ୍ରଶାନ୍ତ କୁମାର ଦାଶ
ଦେଶ ଓ ମାଟି ମା'ର ଗୁଣଗାନ କରାଯାଇଛି, ଏହି କବିତାଟି ମାଧ୍ୟମରେ।

### କବିତା : ମୋତେ ଭଲ ଲାଗେ
### ଲେଖକ : ମିନର୍ଭା ସ୍ୱାଇଁ
ବଡ଼ ଦେଉଳରେ ଚକାଡୋଳାଙ୍କୁ ଦର୍ଶନ କରିବାକୁ ଭଲ ଲାଗେ। ଏମିତି କେତେ କ'ଣ କଲେ ଭଲଲାଗେ, ତାହା ହିଁ କବିତାଟିର ବିଷୟବସ୍ତୁ।

### କବିତା : କିଏ ସେ ହେବ
### ଲେଖକ : ଲକ୍ଷ୍ମୀକାନ୍ତ ଦଳେଇ
ସେ ଫୁଲଟିଏ ହେଉ, ବା ଦୀପଟିଏ ହେଉ, ଏମାନଙ୍କ ପରି ସଂସାର ପାଇଁ କିଏ ବା ଏତେ ତ୍ୟାଗ ଦେଇ ପାରିବ, ଏସବୁ ବିଷୟକୁ ନେଇ କବିତାଟି ରଚିତ।

**କବିତା : ସ୍ୱଚ୍ଛ ଭାରତ-ସୁସ୍ଥ ଭାରତ**
**ଲେଖକ : ଅନ୍ତର୍ଯ୍ୟାମୀ ପ୍ରଧାନ**
ଭାରତ ଯଦି ସ୍ୱଚ୍ଛ ରହିବ, ଭାରତବାସୀ ନିଶ୍ଚୟ ସୁସ୍ଥ ରହିବେ, ଏହି ବାର୍ତ୍ତା ନେଇ କବିତାଟି ରଚିତ।

**ଇତିହାସର ଅମର କାହାଣୀ : ପାଇକ ବିଦ୍ରୋହ**
**ଲେଖକ : ଶରତ କୁମାର ନାୟକ**
୧୮୫୭ ମସିହାରେ ସିପାହି ବିଦ୍ରୋହର ୫୦ ବର୍ଷ ପୂର୍ବରୁ ଆମ ଓଡ଼ିଶାରେ ସଂଘଟିତ ହୋଇଥିଲା ଦେଶର ସ୍ୱାଧୀନତା ସଂଗ୍ରାମର ପ୍ରଥମ ବିଦ୍ରୋହ 'ପାଇକ ବିଦ୍ରୋହ'। ଏ ସଂପର୍କରେ ଏକ ବିବରଣୀ ରହିଛି, ଉକ୍ତ ଆଲେଖ୍ୟରେ।

**ପାଇକ ବିଦ୍ରୋହର ଗାଥା: ପିଲାଙ୍କ ତୂଳୀରେ**
ଦେଶ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ପାଳନ କରୁଥିବା ଅବସରରେ ସ୍ଥାନିତ ହୋଇଛି ଏ ବିଷୟକ ପିଲାମାନଙ୍କର ଅଙ୍କିତ କିଛି ସୁନ୍ଦର ଚିତ୍ର।

**ଗପ: ଧନ୍ୟଧନ୍ୟ ବୀରବଲ**
**ଲେଖକ: ପୀତାମ୍ବର ତରାଇ**
ବୀରବଲଙ୍କ ମଜାଦାର ଏକ କାହାଣୀ କ୍ରମରେ; କିଏ ପ୍ରକୃତରେ ଦେଶ ପାଇଁ ଶ୍ରେଷ୍ଠ, ତାହାହିଁ ଗପଟିର ମୁଖ୍ୟ ବିଷୟବସ୍ତୁ ଭାବରେ ଅବତାରଣା କରିଛନ୍ତି ଲେଖକ।

**ଗପ: ମାଲେସିଆର ଲୋକକଥା**
**ଲେଖିକା: ପ୍ରଭାତୀ ମିଶ୍ର**
ମାଲେସିଆ ଦେଶରେ ପ୍ରଚଳିତ ଲୋକକଥା, ଯାହାକି ନଡ଼ିଆକୁ ନେଇ ଲିଖିତ, ତାହାହିଁ ରୂପ ପାଇଛି, ଲେଖିକାଙ୍କ କଲମରୁ।

**ଅନୁବାଦ ଗପ: ହେଙ୍ଗୁବାଲା**
**ମୂଳ ହିନ୍ଦୀ : ସୁଭଦ୍ରା କୁମାରୀ ଚୌହାନ, ଓଡ଼ିଆ: ରମେଶ ଚନ୍ଦ୍ର ଦାସ**
ହେଙ୍ଗୁବାଲା ଜଣେ ମୁସଲମାନ ହେଲେ ମଧ୍ୟ, ସାମ୍ପ୍ରଦାୟିକତାଠାରୁ ସେ ଯଥେଷ୍ଟ ଊର୍ଦ୍ଧ୍ୱରେ, ଏହାହିଁ ଗଳ୍ପଟି ପ୍ରତିପାଦିତ କରେ।

**କେମେଷ୍ଟ୍ରି କାହାଣୀ : ବିସ୍ଫୋରଣ ମଧ୍ୟ ଜଳ ସୃଷ୍ଟି କରିପାରେ**
**ଲେଖକ : ନିତ୍ୟାନନ୍ଦ ପଣ୍ଡା**
ବିଜ୍ଞାନର ଗହନ କାହାଣୀ କ୍ରମରେ ବିସ୍ଫୋରଣ ମାଧ୍ୟମରେ କିପରି ଜଳ ସୃଷ୍ଟି ହୋଇପାରେ, ତାହାହିଁ ଲେଖାଟିର ବିଷୟବସ୍ତୁ।

**ଆମ ରାଜ୍ୟର ଦର୍ଶନୀୟ ସ୍ଥାନ : ପତରା ଭୁଲାର ଅଭୁଲା କଥା**
**ଲେଖକ : ରବୀନ୍ଦ୍ର କୁମାର ମହାପାତ୍ର**
ନୂଆପଡ଼ା ଜିଲ୍ଲାର 'ଜୋଙ୍କ' ନଦୀରେ ନିର୍ମିତ ପତରା ଡ୍ୟାମ ଏକ ଦର୍ଶନୀୟ ସ୍ଥାନ। ଏହି ସ୍ଥାନକୁ ପରିଭ୍ରମଣରେ ଯାଇଥିବା ଅନୁଭୂତିକୁ ନେଇ ଲେଖାଟି ଲେଖିଛନ୍ତି, ଲେଖକ।

**ଆସ ଜାଣିବା : ଇଲୋକ୍‌ଟ୍ରୋନିକ୍ ଭୋଟିଂ ମେସିନ୍**
**ଲେଖକ : ହରିହର ତ୍ରିପାଠୀ**
ଇଲୋକ୍‌ଟ୍ରୋନିକ୍ ଭୋଟିଂ ମେସିନ୍ ବା ଇ.ଭି.ଏମ୍. କିପରି ଆଜିକାଲି ଭୋଟ୍‌ଦାନ ପ୍ରକ୍ରିୟାକୁ ସହଜ କରିଛି ଓ ଏହା କିପରି କାର୍ଯ୍ୟକରେ ତାହାହିଁ ବର୍ଣ୍ଣନା ରହିଛି ଉକ୍ତ ଆଲେଖ୍ୟରେ।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସବୁ ସ୍ଥାନ ପାଇଛି :**
**ରାଜ୍ୟ ଖବର**
ମଣିଷଖିଆ ଶଙ୍କରା, ରାଜ୍ୟର ସବୁ କିଶୋରୀଙ୍କର ହେବ ହିମୋଗ୍ଲୋବିନ ପରୀକ୍ଷା ଓ ସେପ୍ଟେମ୍ବରରୁ ଝାରସୁଗୁଡ଼ାକୁ ବିମାନସେବା।

## ତୁମ ପାଇଁ ଖବର

ବାଇସାଇକେଲ ଦୂର କରିବ ପ୍ରଦୂଷଣ, ସେଲ୍ଫି ଉଠାଇବା ଏକ ରୋଗ, ସୁନାର ଏଟିଏମ୍, ପାଣି ଭିତରେ ରେଳଯାତ୍ରା, ବିଶ୍ୱର ସର୍ବବୃହତ ବିମାନ କାରଖାନା ଓ ଦାନ୍ତଘଷା ବ୍ରସର ମୂଲ୍ୟ ସାତଶହ ଟଙ୍କା।

## ଖେଳ ଖବର

ଏଥର ଖେଳ ଖବର ପୃଷ୍ଠାରେ ଅଛି : ଓଡ଼ିଶାରେ ନୂଆ ଖେଳ 'ରୋଲ୍‌ବଲ୍', ଓ୍ୱିମ୍ବଲଡ଼ନ୍‌ରେ ଇତିହାସ ରଚିଲେ ଫେଡ଼େରର୍, କିଟ୍ ଓ କିସ୍ ପକ୍ଷରୁ ଏସୀୟ ଦୌଡ଼କୁଦ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା।

## ଚଳଚ୍ଚିତ୍ର ଖବର

ଓମ୍ ପୁରୀଙ୍କ ଶେଷ ଚଳଚ୍ଚିତ୍ର 'ମିଷ୍ଟର କବାଡ଼ି', 'ସୁନାପିଲା - ଟିକେ ଷ୍ଟୁଡ଼ିଲା' ଓ 'କଥା କଥା ନୁହେଁ ଏ କଥା'।

## ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠଶାଳା-୪୦', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■